ରାଜନୀତିରେ ପୋଷ୍ୟପୁତ୍ର ଝଡ଼

ଭୁବନେଶ୍ୱର, ୧୪।୧୦ (ନି.ପ୍ର): ରାଜନୀତିରେ ଜୋର ଧରିଲା ପୋଷ୍ୟପୁତ୍ର ଝଡ଼। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ମିଶିବା ପରେ ବିଜେଡି ନେତା ପ୍ରତାପ ଜେନାଙ୍କ ପୋଷ୍ୟପୁତ୍ର ମନ୍ତବ୍ୟକୁ ନେଇ ବୟାନବାଜି ତେଜିଛି। ବିଜେପି ଏହାର କଡ଼ା ସମାଲୋଚନା କରିଥିବାବେଳେ ବିଜେଡି ନେତା ପୁଣି ପୋଷାପୁଅ ମନ୍ତବ୍ୟ ଦୋହରାଇଛନ୍ତି।

ବିଜେଡି ନେତାଙ୍କ ପୋଷ୍ୟପୁତ୍ର ଟିପ୍ପଣୀ ଉପରେ ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ବିଜେଡି ନେତାମାନେ ନୂଆପଡ଼ାକୁ ଲକ୍ଷ୍ୟ କରି କହୁନାହାନ୍ତି। ସେମାନେ ବିମାନବନ୍ଦରକୁ ଲକ୍ଷ୍ୟ କରି ଏପରି କହୁଛନ୍ତି। ବିମାନବନ୍ଦର ପାଖରେ ତାଙ୍କ ଦଳର ସୁପ୍ରିମୋ ବସିଛନ୍ତି। ଗତ ନିର୍ବାଚନରେ ଜଣେ ପୋଷ୍ୟ ପୁତ୍ର ପାଇଁ ସେ କଣ୍ଟାବାଞ୍ଜିରୁ ନିର୍ବାଚନ ଲଢ଼ି ହାରିଥିଲେ। ପୋଷ୍ୟପୁତ୍ରଙ୍କୁ ଥଇଥାନ କରିବା ପାଇଁ ସେ କଣ୍ଟାବାଞ୍ଜିରୁ ଲଢ଼ିଥିଲେ। କଣ୍ଟାବାଞ୍ଜିବାସୀ ତାଙ୍କୁ ଜବାବ ଦେଲେ। ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ରାଜେନ୍ଦ୍ର ଢୋଲକିଆ ଥିଲେ ତାଙ୍କ ପୁଅ କେବେ ବିଜେଡି ଛାଡ଼ି ଯାଇନଥାନ୍ତେ। କଥାରେ ଅଛି 'ପୋଷା ପୁଅ, ଗୁଞ୍ଜା ରୁଅ' ଏହାକୁ ବିଶ୍ୱାସ ନାହିଁ।

ସୂଚନାଯୋଗ୍ୟ, ଜୟଙ୍କ ଦେହରେ ରାଜେନ୍ଦ୍ରଙ୍କ ରକ୍ତ ନାହିଁ। ସେ ତାଙ୍କ ପୋଷ୍ୟପୁତ୍ର ବୋଲି ବିଜେଡି ନେତା ଶ୍ରୀ ଜେନା ଗଣମାଧ୍ୟମରେ କହିଥିଲେ। ପ୍ରତାପଙ୍କ ଏହି ମନ୍ତବ୍ୟ ପରେ ଶ୍ରୀମୟୀ ମିଶ୍ର ଭଣ୍ଡ ସନ୍ନ୍ୟାସୀ କଥା ଉଠାଇ ଘେରିଥିଲେ। ଯଦି ଜୟ ସ୍ୱର୍ଗତ ରାଜେନ୍ଦ୍ରଙ୍କ ରକ୍ତ ନୁହେଁ ବୋଲି ପ୍ରତାପ ଜେନା କହୁଛନ୍ତି, ତା'ହାଲେ ଭଣ୍ଡ ସନ୍ନ୍ୟାସୀଙ୍କ ଦେହରେ କେଉଁ ଓଡ଼ିଆ ମହାପୁରୁଷଙ୍କ ରକ୍ତ ଅଛି ବୋଲି ସେ ଅନୁଭବ କରି ତାଙ୍କର ଆଦେଶ ମାନୁଛନ୍ତି ବୋଲି ଶ୍ରୀମୟୀ ପ୍ରଶ୍ନ କରିଥିଲେ।

ବିଜେଡି ପ୍ରାର୍ଥୀ ଚୂଡ଼ାନ୍ତ, ଘୋଷଣାକୁ ଅପେକ୍ଷା

ଭୁବନେଶ୍ୱର, ୧୪।୧୦ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ କିଏ ହେବେ ତାହା ଚୂଡ଼ାନ୍ତ ହୋଇଛି। କେବଳ ବିଧିବଦ୍ଧ ଘୋଷଣା ବାକି ଅଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ମୋହର ପରେ ଖୁବ୍‌ଶୀଘ୍ର ଦଳ ପ୍ରାର୍ଥୀ ଘୋଷଣା କରିବ ବୋଲି ଜଣାପଡ଼ିଛି।

ଜୟ ଢୋଲକିଆ ବିଜେପିରେ ମିଶିବା ପରେ ବିଜେଡିର ବରିଷ୍ଠ

ନୂଆପଡ଼ା ଉପନିର୍ବାଚନ

ନେତାମାନେ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଯାଇ ତୃଣମୂଳସ୍ତରର ନେତା ଓ କର୍ମୀଙ୍କ ମତ ନେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ କୋର୍ ଟିମ୍ ସଦସ୍ୟଙ୍କ ବୈଠକ ହୋଇଥିଲା। ନୂଆପଡ଼ା ପ୍ରାର୍ଥୀ ମନୋନୟନ ନେଇ ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା ହୋଇଥିଲା। ପ୍ରାର୍ଥୀ ଚୂଡ଼ାନ୍ତ ହୋଇଥିବାବେଳେ ଦଳର ସଭାପତି ନବୀନଙ୍କ ମୋହରକୁ ଅପେକ୍ଷା କରାଯାଇଛି। ବୁଧବାର ଦଳ ପ୍ରାର୍ଥୀ ଘୋଷଣା କରିପାରେ ବୋଲି କୁହାଯାଉଛି। ନୂଆପଡ଼ା ଜିଲା ବିଜେଡିର ପୂର୍ବତନ ସଭାପତି ମନୋଜ ମିଶ୍ର ବିଜେଡି ପ୍ରାର୍ଥୀ ଦୌଡ଼ରେ ଆଗରେ ରହିଥିବା ଜଣାପଡ଼ିଛି।

ଶ୍ରୀମନ୍ଦିର ସୁରକ୍ଷା ସବ୍-କମିଟିର ପ୍ରଥମ ବୈଠକ

ମୋବାଇଲ ବାରଣକୁ ଗୁରୁତ୍ୱ, ୱାକିଟକି ବ୍ୟବସ୍ଥା

ପୁରୀ, ୧୪।୧୦ (କାର୍ଯ୍ୟାଳୟ): ଶ୍ରୀମନ୍ଦିର ସୁରକ୍ଷା ସବ୍-କମିଟିର ପ୍ରଥମ ବୈଠକ ମଙ୍ଗଳବାର ନୀଳାଦ୍ରି ଭକ୍ତ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରକ୍ଷା ସବ୍-କମିଟି ଅଧ୍ୟକ୍ଷ ଡ. ଗିରୀଶ ଚନ୍ଦ୍ର ମୁର୍ମୁ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅଯୋଧ୍ୟା ରାମ ମନ୍ଦିର ଓ ତିରୁପତି ମନ୍ଦିର ସୁରକ୍ଷା ବ୍ୟବସ୍ଥା ଭଳି ଅତ୍ୟାଧୁନିକ

ବୈଷୟିକ ଜ୍ଞାନ କୌଶଳ ଅବଲମ୍ବନ କରିବାକୁ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ୪ଭାଗରେ ଭାଗ କରାଯାଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ପ୍ରଥମେ ଭିତ୍ତିଭୂମି, ଦ୍ୱିତୀୟରେ ସରଞ୍ଜାମ, ତୃତୀୟରେ ଭିଡ଼ ନିୟନ୍ତ୍ରଣ ଏବଂ ଚତୁର୍ଥରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ସମ୍ପର୍କରେ ଆଲୋଚନା କରାଯାଇଛି। ଏଣିକି ଶ୍ରୀମନ୍ଦିରକୁ ମୋବାଇଲ ନେବା ସମସ୍ତଙ୍କ ପାଇଁ ବାରଣ କରାଯାଇଛି। ଶ୍ରୀମନ୍ଦିରକୁ ପୁଲିସ ଓ ସେବାୟତ ମୋବାଇଲ ନେଇପାରିବେ ନାହିଁ। ଆଗାମୀ ଦିନରେ ଶ୍ରୀମନ୍ଦିର ଭିତରେ ଯୋଗାଯୋଗ ପାଇଁ ୱାକିଟକିର ବ୍ୟବସ୍ଥା କରାଯିବ ବୋଲି ଶ୍ରୀମନ୍ଦିର ସୁରକ୍ଷା ସବ୍-କମିଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଆଲୋଚନା କାଳରେ ଶ୍ରୀମନ୍ଦିର ଭିତର, ବାହାର ଏବଂ ସହର ଭିତରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଇ ଅଧିକସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। ଅତ୍ୟାଧୁନିକ ସରଞ୍ଜାମ, ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡ୍ରିଲ, ପ୍ରୋଟୋକଲ ସର୍ଭେଲାନ୍ସ କ୍ଷମତା ବଢ଼ାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହିତ ଶ୍ରୀକ୍ଷେତ୍ର ତଥା ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀ ତଥା ଶ୍ରଦ୍ଧାଳୁଙ୍କ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯିବ। ପୂର୍ବରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ରେଡ ଜୋନ୍ ଘୋଷଣା ହୋଇଥିବାବେଳେ ନୋ ଫ୍ଲାଇଂ ଜୋନ୍ କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯିବ ଓ ଅନ୍ୟ କିଛି ପାଇଁ ସରକାରଙ୍କ ସହାୟତା ନିଆଯିବ। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ ଏବଂ ସୁଦୃଢ଼ କରିବା ପାଇଁ ଯାହା କିଛି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଦେଶର ଅନ୍ୟ ବଡ଼ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରାଯାଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଠିକ୍ ନିଷ୍ପତ୍ତି ନିଆଯିବ ବୋଲି ସବ୍-କମିଟି ଅଧ୍ୟକ୍ଷ ଡ. ମୁର୍ମୁ ସୂଚନା ଦେଇଛନ୍ତି।

ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି

୪ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ, ୧୪।୧୦ (କାର୍ଯ୍ୟାଳୟ): କାର୍ତ୍ତିକ କୃଷ୍ଣପକ୍ଷ ନବମୀ ତିଥିରେ ବୁଧବାର ଶ୍ରୀବିଗ୍ରହଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ପରେ ସନ୍ଧ୍ୟା ୬ରୁ ରାତି ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମ୍ପାଦନ ବେଳେ ଶ୍ରୀଜୀଉଙ୍କ ସାଧାରଣ ଦର୍ଶନ ବନ୍ଦ ରହିଥାଏ। ବନକଲାଗି ନୀତିରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ହୋଇଥାଏ। ଦତ୍ତମହାପାତ୍ର ସେବକମାନେ ରତ୍ନ ସିଂହାସନ ଉପରକୁ ଯାଇ ଠାକୁରଙ୍କ ଶ୍ରୀମୁଖ ସିଂହାର କରିଥାନ୍ତି। ଏହି ନୀତି ସମାପନ ହେବା ପର୍ଯ୍ୟନ୍ତ ପ୍ରାୟ ୪ଘଣ୍ଟା ଶ୍ରୀମନ୍ଦିରର ସମସ୍ତ ଦ୍ୱାର ସମ୍ପୂର୍ଣ୍ଣ ବନ୍ଦ ରହିଥାଏ। ତିନି ଦାରୁ ମୂର୍ତ୍ତିଙ୍କ ମୁଖମଣ୍ଡଳ ଶୃଙ୍ଗାରକୁ ଶ୍ରୀମନ୍ଦିର ଭାଷାରେ ବନକଲାଗି କୁହାଯାଏ।

ଆକାଂକ୍ଷା ତାଲିକାରୁ ହଟିଲା ରାୟଗଡ଼ା ଜିଲାର ୩ ବ୍ଲକ

ରାୟଗଡ଼ା, ୧୪।୧୦(ନି:ପ୍ର): ରାୟଗଡ଼ା ଜିଲାର ସବୁଠାରୁ ଅନୁନ୍ନତ ତଥା ପଛୁଆ କଲ୍ୟାଣସିଂହପୁର, ବିଷମକଟକ ଓ ମୁନିଗୁଡ଼ା ବ୍ଲକକୁ ଚଳିତ ମାସ ଆକାଂକ୍ଷା ଅଞ୍ଚଳ ତାଲିକାରୁ ହଟାଇ ଦିଆଯାଇଛି। ଫଳରେ ଏହି ପଛୁଆ ଅଞ୍ଚଳର ବିକାଶ ନେଇ ଆଶା ବାନ୍ଧିଥିବା ଅଞ୍ଚଳବାସୀ ନିରାଶ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଆକାଂକ୍ଷା ଜିଲା ଶୈଳୀରେ ୨୦୨୩ ମସିହା ଜାନୁଆରୀ ମାସରେ ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଓଡ଼ିଶାର ୧୬ ଜିଲାରୁ ମୋଟ ୨୯ ବ୍ଲକକୁ ଏଥିରେ ସାମିଲ କରାଯାଇଥିଲା।

କଲ୍ୟାଣସିଂହପୁର ବ୍ଲକର ନିୟମଗିରି ଅଞ୍ଚଳର ଅନେକ ଗ୍ରାମକୁ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ପହଞ୍ଚି ପାରି ନାହିଁ। ୪୧ ଗ୍ରାମକୁ ପାଦ ଚଲା ରାସ୍ତା ଥିଲା ବେଳେ ୨୩ ଗ୍ରାମକୁ ବିଜୁଳି ସଂଯୋଗ ହୋଇପାରି ନାହିଁ। ସ୍ୱାସ୍ଥ୍ୟସେବା ପାଇଁ ଏହି ଅଞ୍ଚଳବାସୀ ଦହଗଞ୍ଜ ହେଉଛନ୍ତି। ଶିଶୁ ଓ ମାତୃ ମୃତ୍ୟୁ ହାରରେ ଏହି ଅଞ୍ଚଳ ସର୍ବାଗ୍ରେ ଅଛି। ହର ଘର ଜଳ ଯୋଜନାରେ ସବୁ ଘରକୁ ପାନୀୟ ଜଳ ପହଞ୍ଚି ପାରି ନାହିଁ। ୩୧ ଗ୍ରାମ ଅଦ୍ୟାବଧି ଝରଣା ପାଣି ଉପରେ ନିର୍ଭର କରୁଛନ୍ତି।

ବିଷମକଟକ ବ୍ଲକର ୨୧ ଗ୍ରାମକୁ ଆମ୍ବୁଲାନ୍ସ ସେବା ଅପହଞ୍ଚ ରହିଛି। ଆବାସ ଯୋଜନାରେ ଘର ଖଣ୍ଡେ ନପାଇ ଅନେକ ପରିବାର ବାସହୀନ ଜୀବନ ବିତାଉଛନ୍ତି। ମୁନିଗୁଡ଼ା ବ୍ଲକର ଅନେକ ଗ୍ରାମକୁ ସାମାନ୍ୟତମ ମୌଳିକ ସୁବିଧା ପହଞ୍ଚି ପାରି ନାହିଁ। ଅନେକ ଗ୍ରାମକୁ ପକ୍କା ସଡ଼କ ନଥିଲା ବେଳେ ବର୍ଷାଦିନେ ସ୍ୱାସ୍ଥ୍ୟସେବା ପାଇଁ ଦୁର୍ଗମ ଅଞ୍ଚଳ ଲୋକେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି।

ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ ଏହି ୩ ବ୍ଲକରେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟି ଭିତ୍ତିଭୂମି ଏବଂ ଜୀବିକା ସୂଚକାଙ୍କ ରାଜ୍ୟର ହାରାହାରି ସ୍ଥିତିଠାରୁ ଭଲରେ ଥିବାରୁ ଏହି ୩ ବ୍ଲକକୁ ଆକାଂକ୍ଷା ଅଞ୍ଚଳ ତାଲିକାରୁ ବାଦ୍ ଦିଆ ଯାଇଛି ବୋଲି ଜଣେ ଅଧିକାରୀ କହିଛନ୍ତି। ତାଲିକାରୁ ବାଦ ପଡ଼ିବା ନେଇ ତଥ୍ୟ ପହଞ୍ଚି ନାହିଁ। ହସ୍ତଗତ ହେଲେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ପଞ୍ଚାୟତ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡ କହିଛନ୍ତି।

ଅଧ୍ୟାପିକା ଜୟସ୍ମିତା କୁଅଁରଙ୍କ ଡକ୍ଟରେଟ୍ ପ୍ରାପ୍ତ

ଅଧ୍ୟାପିକା ଜୟସ୍ମିତା କୁଅଁର ଇଂରାଜୀ ରେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡ଼ି ଡିଗ୍ରୀ ଲାଭ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଆସୋସିଏଟ୍ ପ୍ରଫେସର, ସ୍କୁଲ୍ ଅଫ ଲିବେରାଲ୍ ଷ୍ଟଡିଜ୍, ଡ଼.ଦୀପାଞ୍ଜଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ଶ୍ରୀମତୀ କୁଅଁର ଗବେଷଣା କରୁଥିଲେ । ତାଙ୍କ ଗବେଷଣାର ସନ୍ଦର୍ଭ ଥିଲା 'Musical Humanism in Folk Music of Odisha' ଡ଼ ଜୟସ୍ମିତା କୁଅଁରଙ୍କ ସନ୍ଦର୍ଭ ପ୍ରଫେସର ଡ଼ ନଭଲୀନ ମୁଲ୍ତାନି, ଡିନ୍ ରିସର୍ଚ୍ଚ, ଜଗଦ୍‌ଗୁରୁ ନାନକ ଦେବ ପଞ୍ଜାବ ଷ୍ଟେଟ୍ ଓପନ୍ ୟୁନିଭରସିଟି, ପଟିଆଲାଙ୍କ ଦ୍ୱାରା ପରିକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ମହାଶୟା, ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବୃତ୍ତଙ୍ଗ ଗ୍ରାମ ନିବାସୀ ବିଶିଷ୍ଟ ସଙ୍ଗୀତଜ୍ଞ ମହାପାତ୍ର ମିନତୀ ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ କନ୍ୟା ତଥା ଓଡ଼ିଶା ପ୍ରଶାସନିକ ସେବାର ଯୁଗ୍ମ ସଚିବ ଶ୍ରୀଯୁକ୍ତ ଗୋପୀନାଥ କୁଅଁରଙ୍କ ଝିଅାରୀ। ଡକ୍ଟର ଜୟସ୍ମିତା କୁଅଁର ଅର୍ଥନୀତି ବିଶାରଦ ଡକ୍ଟର ସାର୍ଥକ ଦାଶଙ୍କ ଧର୍ମପତ୍ନୀ ତଥା ଶିକ୍ଷୟିତ୍ରୀ ଶ୍ରୀମତୀ ରତ୍ନମଞ୍ଜରୀ ଦାଶ ଓ ସଞ୍ଜୀବ କୁମାର ଦାଶଙ୍କ ପୁତ୍ରବଧୂ । ଅଧ୍ୟାପିକା ଡକ୍ଟର ଜୟସ୍ମିତା କୁଅଁରଙ୍କ ଏହି ପ୍ରଶଂସନୀୟ କୃତିତ୍ୱ ନିମନ୍ତେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଅଛି ।

ପିଏଚ୍.ଡି. ଡିଗ୍ରୀ ଲାଭ

ଦୀର୍ଘଦିନ ଧରି ଧାରିଥିବା ଏକ ସ୍ୱପ୍ନ ଆଜି ସାକାର ହେଲା – ଜ୍ଞାନ ଅନ୍ୱେଷଣର ଏହି ଯାତ୍ରା ଏକ ଡକ୍ଟରେଟ୍ ସମ୍ମାନରେ ଶୋଭିତ ହୋଇଛି କେବଳ ମା' କଟକ ଚଣ୍ଡୀଙ୍କ କୃପା ଓ ଆଶୀର୍ବାଦ ପାଇଁ। ''ମାନସିଂପାଟଣା ମ୍ୟୁନିସିପାଲିଟି ହାଇସ୍କୁଲର ଛୋଟ ଶ୍ରେଣୀଘରୁ ଆରମ୍ଭ ହୋଇଥିବା ଏହି ଯାତ୍ରା, ରେଭେନ୍ସା ବିଶ୍ୱବିଦ୍ୟାଳୟର ଐତିହାସିକ ପରିସର ଦେଇ ଯାଇ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଆସି ସମାପ୍ତ ହେଲା ଏବଂ ଆଜି ଏହାର ଅର୍ଥ ହେଲା ଏକ ଶବ୍ଦରେ – ଡକ୍ଟରେଟ୍। ଏହି ସଫଳତା ମୋର ଏକାର ନୁହେଁ। ଏହା ମୋର ବାପା ଓ ବୋଉଙ୍କର ଅକ୍ଷୟ ଆଶୀର୍ବାଦ, ତ୍ୟାଗ ଓ ଆସ୍ଥାର ଫଳ। ଏହି ଡିଗ୍ରୀକୁ ମୁଁ ସ୍ନେହ ଓ ସମ୍ମାନ ସହ ତାଙ୍କ ନାମକୁ ଉତ୍ସର୍ଗ କରୁଛି। ପଥ ସବୁବେଳେ ସହଜ ନ ଥିଲା, କିନ୍ତୁ ପ୍ରତିଟି ପଦକ୍ଷେପ ଅର୍ଥପୂର୍ଣ୍ଣ ଥିଲା – ଜୀବନ ଓ ବିଜ୍ଞାନ ଦୁହିଁରୁ ଅନେକ ଶିଖିଲି। ମୋର ଗାଇଡ୍ ଓ ମେଣ୍ଟର ପ୍ରଫେସର (ଡ଼.) ଦୁର୍ଗା ଶଙ୍କର ପଟ୍ଟନାୟକଙ୍କୁ ମୁଁ ହୃଦୟପୂର୍ବକ କୃତଜ୍ଞତା ଜଣାଉଛି – ତାଙ୍କ ଜ୍ଞାନ, ଧୈର୍ଯ୍ୟ ଓ ପ୍ରେରଣା ମୋ ପାଇଁ ପଥପ୍ରଦର୍ଶକ ହୋଇଛି। ମୁଁ ମୋ ସମସ୍ତ ଶିକ୍ଷକମାନେ, ପରିବାର, ମୋ ସାଙ୍ଗ ଓ ସମସ୍ତ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଉଛି, ଯେଉଁମାନେ ଏହି ଯାତ୍ରାରେ ମୋ ସହ ଥିଲେ। ଏହି ପିଏଚ୍.ଡି. କେବଳ ଏକ ଡିଗ୍ରୀ ନୁହେଁ – ଏହା ହେଉଛି ଧୈର୍ଯ୍ୟ, କୃତଜ୍ଞତା ଓ ଆସ୍ଥାର ଏକ ଯାତ୍ରା।



– ଡ଼. ରଶ୍ମି ରଞ୍ଜନ ବେହେରା
(ପିଏଚ୍.ଡି. ଭୂତତ୍ତ୍ୱ ବିଜ୍ଞାନ),
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

SCA/4245

ଜନ୍ମଦିନର ଶୁଭେଚ୍ଛା

ଦଧିବାମନ ନଗର, ରେମୁଣା ଗୋଲେଇ, ବାଲେଶ୍ୱର

ଆଜି ତୋର ୭ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣା ତୋ ଉପରେ ସଦାସର୍ବଦା ବରଷୁଥାଉ, ତାଙ୍କରି କୃପାରୁ ତୋର ଚଲାପଥ କୁସୁମିତ ହେଉ, ମହାବାହୁ ତୋତେ ଦିର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଜେଜେ ବାପା, ଜେଜେମା, ଅଜା, ଆଈ ଓ ସମସ୍ତ ପରିବାରବର୍ଗ।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.CAOCRSPBBS-27-2025

କାର୍ଯ୍ୟର ନାମ : (I)ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନ୍‌ରେ ମଣ୍ଡସା-ସୁମ୍ମାଦେବୀ ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଂ ନଂ.362 ପରିବର୍ତ୍ତେ କି.ମି.666/29-31 ଠାରେ ସ୍ପାନ୍ 1x36.0m କମ୍ପୋଜିଟ୍ ଗର୍ଡର + 3x24.0m କମ୍ପୋଜିଟ୍ ଗର୍ଡର + 1x14.0m T-Beam ଗର୍ଡର (ବ୍ରିଜ୍ ପ୍ରପର) + 2x10.37m କଠୋର ସ୍ଲାବ୍ ଯୁକ୍ତ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ। (II) ପୂର୍ବ ତଟ ରେଳପଥରେ ରୋଡ଼ ଓଭର ବ୍ରିଜ୍ (ROB)/ରୋଡ଼ ଅଣ୍ଡର ବ୍ରିଜ୍(RUB), ଫୁଟ୍ ଓଭର ବ୍ରିଜ୍(FOB)ର ନିର୍ମାଣ, ଜଳ ନିଷ୍କାସନରେ ଉନ୍ନତି ଏବଂ ପୁନର୍ନିର୍ମାଣ କାର୍ଯ୍ୟ କରିଥାରେ 13 ଗୋଟି ଲେଭେଲ କ୍ରସିଂଗୁଡ଼ିକର ସମାପନ ନିମନ୍ତେ ବ୍ୟବହାର୍ଯ୍ୟତା ଅଧ୍ୟୟନ ସମ୍ପାଦନ, ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏବଂ ଡିଜାଇନ୍‌ର ଉନ୍ନୟନ ପାଇଁ ବୈଷୟିକ ସେବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 62,44,03,892.08, EMD (ଟଙ୍କାରେ) : 32,72,000/-, ଶେଷ ହେବା ଅବଧି : 24 ମାସ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.14.10.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.10.2025ରିଖ 1530 ଘଣ୍ଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/RSP/ଭୁବନେଶ୍ୱର
PR-131/CI/25-26

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT--2025-T-262

କାର୍ଯ୍ୟର ନାମ : "ସମ୍ବଲପୁର ମଣ୍ଡଳର 20K ରୁ ଅଧିକ TVU ସହିତ 02 ଗୋଟି ଲେଭେଲ କ୍ରସିଂ ଗେଟ୍ (RV-164 ଏବଂ ST-63) ର ଇଣ୍ଟରଲିଂକ୍" ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 5,57,769.90, EMD /ବିଡ଼ ସୁରକ୍ଷା ଜମା (ଟଙ୍କାରେ): 11,200/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର(LOA)ଜାରିହେବା ତାରିଖ ଠାରୁ ଛଅ ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.10.2025ରିଖ 1530 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପରେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମସ୍ତ ବିସ୍ତୃତ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-677/Q/25-26

ଫର୍ମ ନଂ. ୩

[ନିୟମାବଳୀ -୧୫(୧)(କ) ଦେଖନ୍ତୁ]

ଇନ୍ ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ, କୋଲକାତା

୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା - ୭୦୦୦୦୧

ଅପିଲ ନଂ.: ୯୨/୨୦୨୨

ଡି.ଆର.ଟି, କଟକର ୨୦୦୧ ମସିହାର ଟି.ସି. ନଂ.: ୨୧୪ ରୁ ଉଦ୍ଧୃତ

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ...ଅଭିଯୋଗକାରୀ

ବନାମ

ଶ୍ରୀ ଅଶୋକ କୁମାର କାନୁନ୍‌ଗୋ ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ.: ୫(ବି)ଙ୍କ ପ୍ରସ୍ତାବିତ ଆଇନଗତ ପ୍ରତିନିଧି

୧) ଲୋପାମୁଦ୍ରା କାନୁନ୍‌ଗୋ, ସ୍ୱାମୀ: ୰ ଅକ୍ଷୟ କୁମାର କାନୁନ୍‌ଗୋ, ସା: ଏଡି ମାର୍କେଟ, ଚାନ୍ଦିନୀ ଚୌକ, ପିନ୍ - ୭୫୩୦୧୨
୨) ଅବ୍ୟାଶା କାନୁନ୍‌ଗୋ, ପିତା: ୰ ଅକ୍ଷୟ କୁମାର କାନୁନ୍‌ଗୋ, ସା: ଏଡି ମାର୍କେଟ, ଚାନ୍ଦିନୀ ଚୌକ, ପିନ୍ - ୭୫୩୦୧୨
୩) ଅଦିତି କାନୁନ୍‌ଗୋ, ପିତା: ୰ ଅକ୍ଷୟ କୁମାର କାନୁନ୍‌ଗୋ, ସା: ଏଡି ମାର୍କେଟ, ଚାନ୍ଦିନୀ ଚୌକ, ପିନ୍ - ୭୫୩୦୧୨

ସମନ

୧) ଆପଣମାନଙ୍କୁ ଅବଗତ କରାଇଦିଆଯାଉଛି କି, ଅଭିଯୋଗକାରୀ, ମାନ୍ୟବର ପ୍ରିଜାଇଡିଂ ଅଫିସର, ଡି.ଆର.ଟି, କଟକଙ୍କ ଆଦେଶ ଏବଂ ଅନ୍ୟ ସହାୟତା ବିରୁଦ୍ଧରେ ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଙ୍କୁ ଦେବାକୁ ଥିବା ଋଣ ଦେୟତା ଆଇନ୍ ୧୯୯୩ ର ଧାରା ୨୦ ଅନୁଯାୟୀ ପୁର୍ନବିଚାର ପାଇଁ ଅଭିଯୋଗ ଦାୟର କରିଛନ୍ତି। ଏତଦ୍‌ଦ୍ୱାରା ଆପଣଙ୍କୁ ସମନ କରାଯାଉଛି କି ଆପଣ ମାନ୍ୟବର ଟ୍ରିବ୍ୟୁନାଲଙ୍କ ଇଜଲାସରେ ତା୨୮.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ହାଜର ହୋଇ କିମ୍ବା ଟ୍ରିବ୍ୟୁନାଲଙ୍କ ଏପରି ଏକ ସୁବିଧାଜନକ ସମୟରେ ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇ ଅଭିଯୋଗର ଉତ୍ତର ଲିଖିତ ଭାବେ ପ୍ରଦାନ କରିବେ।
୨) ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଫାଇଲ୍ କରିବାକୁ ଇଚ୍ଛା କରନ୍ତି, ଆପଣ ଏହାକୁ ଲିଖିତ ବିବରଣୀ ସହିତ ତାଲିକାଭୁକ୍ତ କରି ଫାଇଲ୍ କରିପାରନ୍ତି।
୩) ଆପଣ ଟ୍ରିବ୍ୟୁନାଲ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିର୍ଦ୍ଦେଶିତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହେବା ପୂର୍ବରୁ ଆପଣଙ୍କ ପଞ୍ଜିକୃତ ଠିକଣା ଏବଂ ଉପସ୍ଥିତିର ମେମୋ ଫାଇଲ୍ କରିବା ଆବଶ୍ୟକ।
୪) ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ଉପରଦର୍ଶିତ ତାରିଖରେ ଆପଣ ଟ୍ରିବ୍ୟୁନାଲ (ଅଦାଲତ)ରେ ହାଜିର ନହେଲେ, ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମାର ଶୁଣାଣି କରାଯାଇ ଫଏସଲା କରାଯିବ।

ମୋର ଦସ୍ତଖତ ଏବଂ ଟ୍ରିବ୍ୟୁନାଲଙ୍କ ସହି ମୋହର ସହ ଅଦ୍ୟ ୨୦୨୫ ମସିହା ସେପ୍ଟେମ୍ବର ମାସ ୨୫ ତାରିଖରେ ଆଦିଷ୍ଟ।

ସ୍ୱା/- ରେଜିଷ୍ଟ୍ରାର୍
ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ
କୋଲକାତା

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5271

ପୂର୍ବ ତଟ ରେଳପଥ

ସାଙ୍କେତିକ ବିଜ୍ଞପ୍ତି

ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଅବସରପ୍ରାପ୍ତ ରେଲୱେ ଲୋକୋ ପାଇଲଟ୍‌ଙ୍କ ପୁନଃନିଯୁକ୍ତି

ବିସ୍ତୃତ ଅଧିସୂଚନା ସଂ.SBP/Pers/Staff/Re-engagement/Loco Pilot/2025, ତା.10.10.2025ରିଖ ପୂର୍ବ ତଟ ରେଳପଥ ୱେବସାଇଟ୍‌ରେ ନିମ୍ନଲିଖିତ ପାଥ୍ : www.ecor.indianrailways.gov.in→ About us→Division→Sambalpur Division→Recruitment ରେ ଉପଲବ୍ଧ।

PR-681/Q/25-26 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ)/ସମ୍ବଲପୁର

WALK-IN-INTERVIEW

CTTC-Bhubaneswar urgently requires suitable candidates to fill the following positions purely on fixed-term contract basis. The selected candidates will be posted at CTTC, Bhubaneswar, its Extension Centres and Mini Tool Rooms across the State of Odisha.

Positions :
1) CNC Machine Operator
2) Faculty (English)

Selection Process :
- Walk-in-Interview
- Interview Date :- 17.10.2025 (Friday)
- Reporting Time :- 9:00 AM to 10:30 AM
- Venue :- CTTC, Bhubaneswar

For further details, please visit our website www.cttc.gov.in

CENTRAL TOOL ROOM & TRAINING CENTRE
(Ministry of Micro, Small & Medium Enterprises, Govt. of India)
B-36, Chandaka Industrial Area, Bhubaneswar-751024, Odisha
E-mail : cttc@cttc.gov.in, Website : www.cttc.gov.in
ISO-9001 : ISO-14001 OHSAS 18001

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)

ମଣ୍ଡଳ କାର୍ଯ୍ୟାଳୟ: ସମ୍ବଲପୁର
ବାଲାଜୀ ମିଡଟାଉନ, ପ୍ରଥମ ମହଲା, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଓଡ଼ିଶା

ଗୃହ ଆବଶ୍ୟକ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ନିମ୍ନଲିଖିତ ସ୍ଥାନରେ ଶାଖା/କାର୍ଯ୍ୟାଳୟ ନିମନ୍ତେ ଉପଯୁକ୍ତ ଭାବେ ପ୍ରସ୍ତୁତ ଥିବା ଏବଂ ଉତ୍ତମ ଭାବେ ନିର୍ମିତ ଥିବା ହଲ୍ ଟାଇପର ବିଲ୍ଡିଂ ଭଡ଼ା/ଲିଜ୍ ଭିତ୍ତିରେ ଆବଶ୍ୟକ କରୁଅଛି।

କ୍ର.ନଂ.	ସ୍ଥାନ	କାର୍ପେଟ୍ ଏରିଆ
୧.	ସା: ରେଢ଼ାଖୋଲ, ଜିଲ୍ଲା: ସମ୍ବଲପୁର	୧୨୦୦ - ୧୬୦୦ ବର୍ଗଫୁଟ

ପରିସରଟି ତଳ ମହଲା, ପ୍ରଥମ ମହଲାରେ ଥିଲେ ଲିଫ୍ଟ ସୁବିଧା ସହ ଥିବା ଆବଶ୍ୟକ। ପ୍ରସ୍ତାବିତ ଗୃହଟି ବୈଧାନିକ ଅଧିକାରୀଙ୍କ ଠାରୁ ସମସ୍ତ କ୍ଲିଅରାନ୍ସ ସାର୍ଟିଫିକେଟ ଥିବା ଉଚିତ୍। ଗୃହ ମାଲିକ ନିଜ ଖର୍ଚ୍ଚରେ ଆର୍‌ବିଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ 'ବି' କ୍ଲାସ ଷ୍ଟ୍ରଙ୍ଗରୁମ୍ ନିର୍ମାଣ କରିବେ। ଆବଶ୍ୟକ ସ୍ଥାନରେ ଏପରି ଗୃହ ଥିବା ଆଗ୍ରହୀ ମାଲିକମାନେ / ପଞ୍ଜିକୃତ କ୍ଷମତାପତ୍ରଧାରୀ ଯେଉଁମାନେ ଦୀର୍ଘ ମିଆଦୀ ଭିତ୍ତିରେ **୧୫ ବର୍ଷ କିମ୍ବା ତଦୁର୍ଦ୍ଧ ବର୍ଷ** ପାଇଁ ଲିଜ୍ ଦେବାକୁ ଇଚ୍ଛୁକ, ସେମାନେ ଉପରୋକ୍ତ ଠିକଣାରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ଧାର୍ଯ୍ୟ ଫର୍ମାଟ୍ ପ୍ରାପ୍ତ କରି କିମ୍ବା ବ୍ୟାଙ୍କର ୱେବସାଇଟ୍ www.pnbindia.inରେ ଉପଲବ୍ଧ ଧାର୍ଯ୍ୟ ଫର୍ମାଟରେ ସେମାନଙ୍କର ପ୍ରସ୍ତାବଗୁଡ଼ିକ ପଠାଇପାରିବେ। ଦସ୍ତଖତ ଥାଇ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଏବଂ ମୁଦ ହୋଇଥିବା ପ୍ରସ୍ତାବ ଉପରୋକ୍ତ ଠିକଣାରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ **ତା.୨୯.୧୦.୨୦୨୫ରିଖ, ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।

ବ୍ୟାଙ୍କ ଦ୍ୱାରା କୌଣସି ଦଲାଲି କମିଶନ ଦିଆଯିବ ନାହିଁ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖୁଛି।

ସ୍ଥାନ: ସମ୍ବଲପୁର, ତାରିଖ: ୧୪.୧୦.୨୦୨୫ ସ୍ୱା/- ମୁଖ୍ୟ ପ୍ରବନ୍ଧକ

ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୯.୧୦.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୩୦.୧୦.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

କ୍ର. ନଂ.	ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ.	ବକେୟା ପରିମାଣ	ଓଜନ (ଗ୍ରାମ୍‌ରେ)
	ଆଠଗଡ ଶାଖା, ସା/ପୋ: ଆଠଗଡ, ଜିଲ୍ଲା: କଟକ, ଶାଖା ପ୍ରବନ୍ଧକଙ୍କ ନାମ: ବିଜୟ କୁମାର ପଣ୍ଡା, ମୋ.: ୭୦୦୮୨୫୯୦୬୩		
୧.	ଶରତ କୁମାର ମହାନ୍ତି, ପିତା: କରୁଣାକର ମହାନ୍ତି, ସା: ତେନ୍ତୁଲିଆ, ତରଡିଙ୍ଗ, ଆଠଗଡ, କଟକ-୭୫୪୦୨୯ / ୦୭୭୦୦୬୧୦୦୪୯୮୨୨	ଟ.୨୫,୦୦୦/- + ସୁଧ ଏବଂ ଦେୟ	୮.୮୦
୨.	ମମତା ମଲ୍ଲିକ, ସା: ଗଜାଆମ୍ବ, ତରଡିଙ୍ଗ, ଆଠଗଡ, କଟକ-୭୫୪୦୨୯ / ୦୭୭୦୦୬୧୦୦୫୪୯୮୭	ଟ.୫୮,୪୭୧/- + ସୁଧ ଏବଂ ଦେୟ	୧୩.୬୦
	ମାର୍ଶାଘାଇ ଶାଖା, ସା: ମାର୍ଶାଘାଇ, କେନ୍ଦ୍ରାପଡା, ଶାଖା ପ୍ରବନ୍ଧକଙ୍କ ନାମ: ସୌଭାଗ୍ୟ କୁମାର ମହାପାତ୍ର, ମୋ.: ୭୮୦୯୦୭୨୬୪୩		
୧.	ଭାବଗ୍ରାହୀ ବେହେରା, ସା: ଆଶ୍ରମ ବାଲିକୁଦା, କେନ୍ଦ୍ରାପଡା-୭୫୪୨୧୩ / ୦୮୪୧୦୬୧୦୦୩୭୭୩୭	ଟ.୩୪,୨୯୩/- + ସୁଧ ଏବଂ ଦେୟ	୨୬.୩୦
୨.	ରିତା ସେଠୀ, ଦୁମୁକା, କେନ୍ଦ୍ରାପଡା-୭୫୪୨୧୩ / ୦୮୪୧୦୬୧୦୦୩୭୯୬୬	ଟ.୨୦,୧୫୦/- + ସୁଧ ଏବଂ ଦେୟ	୩୪.୦୦
	ରାମଦାସପୁର ଶାଖା, ସା: ରାମଦାସପୁର, କଟକ, ଶାଖା ପ୍ରବନ୍ଧକଙ୍କ ନାମ: ନିହାରବାଳା ଦାସ, ମୋ.: ୮୪୫୫୦୮୬୮୨୨		
୧.	ଖଗେଶ୍ୱର ବେଜ, ପିତା: ପୁରୁଷୋତ୍ତମ ବେଜ, ସା/ପୋ: ଗୋଡିସାହି, ରାମଦାସପୁର, କଟକ-୭୫୪୦୦୬ / ୧୩୧୩୦୬୧୦୦୩୮୨୭୭	ଟ.୮୦,୩୨୧/- + ସୁଧ ଏବଂ ଦେୟ	୧୪.୯୦
୨.	ଭାଗ୍ୟଧର ବେହେରା, ପିତା: ଅଲେଖ ବେହେରା, ପଦ୍ମନାଭନଗର, ରାମଦାସପୁର, ବାରଙ୍ଗ, କଟକ-୭୫୪୦୦୬ / ୧୩୧୩୦୬୧୦୦୩୪୭୮୧	ଟ.୨୦,୨୦୫/- + ସୁଧ ଏବଂ ଦେୟ	୫.୧୦
	ପରଜଙ୍ଗ ଶାଖା, ସା/ପୋ: ପରଜଙ୍ଗ, ଜିଲ୍ଲା: ଢେଙ୍କାନାଳ, ଶାଖା ପ୍ରବନ୍ଧକଙ୍କ ନାମ: ଅମିତ୍ ନନ୍ଦ, ମୋ.: ୮୨୪୯୮୫୨୪୯୬		
୧.	ଗୁରୁ ଚରଣ ପରିଡା, ସା: ବଡଝରା, କପାସିରା, ପରଜଙ୍ଗ, ଢେଙ୍କାନାଳ-୭୫୯୧୨୦ / ୦୭୮୬୦୬୧୦୦୨୭୩୨୫	ଟ.୩୦,୯୯୦/- + ସୁଧ ଏବଂ ଦେୟ	୧୧.୩୦
	କୁଆଁପାଳ ଶାଖା, ସା: କୁଆଁପାଳ, କଟକ, ଶାଖା ପ୍ରବନ୍ଧକଙ୍କ ନାମ: ନବିନ କୁମାର ଗୁପ୍ତା, ମୋ.: ୯୮୬୧୨୬୩୬୧୧		
୧.	ବଳରାମ ସାହୁ, ପିତା: ମଦନ ମୋହନ ସାହୁ, ସା: ନୁରତାଙ୍ଗ, ପୋ: ନୁରତାଙ୍ଗ, କଟକ-୭୫୪୨୦୪ / ୦୭୮୦୦୬୧୦୦୫୬୮୪୪	ଟ.୨,୦୪,୦୧୩/- + ସୁଧ ଏବଂ ଦେୟ	୫୩.୭୦
୨.	ବଳରାମ ସାହୁ, ପିତା: ମଦନ ମୋହନ ସାହୁ, ସା: ନୁରତାଙ୍ଗ, ପୋ: ନୁରତାଙ୍ଗ, କଟକ-୭୫୪୨୦୪ / ୦୭୮୦୦୬୧୦୦୫୬୮୩୭	ଟ.୧,୪୮,୪୬୫/- + ସୁଧ ଏବଂ ଦେୟ	୩୬.୭୦
	ତାଳସଙ୍ଗା ଶାଖା, ସା/ପୋ: ତାଳସଙ୍ଗା, ଜିଲ୍ଲା: କେନ୍ଦ୍ରାପଡା, ଶାଖା ପ୍ରବନ୍ଧକଙ୍କ ନାମ: ଦୀପକ କୁମାର ମହାନ୍ତି, ମୋ.: ୭୯୭୮୭୬୫୭୬୮		
୧.	ନଳିନୀ ମଲ୍ଲିକ, ସ୍ୱାମୀ: ବାବାଜୀ ମଲ୍ଲିକ, ସା: ମଧୁସୂଦନପୁର, ପୋ: ବଟିରା, କେନ୍ଦ୍ରାପଡା-୭୫୪୨୧୩ / ୧୩୮୮୦୬୧୦୦୩୬୭୭୮	ଟ.୧୫,୦୦୦/- + ସୁଧ ଏବଂ ଦେୟ	୩.୧୫
୨.	ନଳିନୀ ମଲ୍ଲିକ, ସ୍ୱାମୀ: ବାବାଜୀ ମଲ୍ଲିକ, ସା: ମଧୁସୂଦନପୁର, ପୋ: ବଟିରା, କେନ୍ଦ୍ରାପଡା-୭୫୪୨୧୩ / ୧୩୮୮୦୬୧୦୦୩୬୫୬୩	ଟ.୧୮,୦୦୦/- + ସୁଧ ଏବଂ ଦେୟ	୬.୫୦
	ଗରଦପୁର ଶାଖା, ସା/ପୋ: ଗରଦପୁର, ଜିଲ୍ଲା: କେନ୍ଦ୍ରାପଡା, ଶାଖା ପ୍ରବନ୍ଧକଙ୍କ ନାମ: ବିକାଶ ଭୂଷଣ ମହାନ୍ତି, ମୋ.: ୯୫୫୬୧୧୬୭୭୫		
୧.	ସଞ୍ଜୟ କୁମାର ନନ୍ଦି, ପିତା: ଅଭିରାମ ନନ୍ଦି, ସା/ପୋ: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡା-୭୫୪୧୪୩ / ୧୧୩୪୦୬୧୦୦୧୮୦୬୪	ଟ.୯୦,୯୯୯.୯୮ + ସୁଧ ଏବଂ ଦେୟ	୨୩.୬୦

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡ଼ିକର ଯାଞ୍ଚ କରିପାରିବେ।
୩.**ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡ଼ିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୮୭୭୯୪୨୦୬୧୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୪.୧୦.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

ସିପେଟ CIPET · Skilled in ODISHA · ସତ୍ୟମେବ ଜୟତେ · IPICOL · ODISHA NEW OPPORTUNITIES

CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET): CSTS, Balasore

(Department of Chemicals & Petrochemicals, Ministry of Chemicals & Fertilizers, Govt. of India)
Plot No.A, IDCO, Bampada Industrial Area, Balasore-756056, Odisha.

ଭାରତ ସରକାରଙ୍କ ଅଧିନସ୍ଥ ସିପେଟ: ସି.ଏସ.ଟି.ଏସ, ବାଲେଶ୍ୱର **(CIPET: CSTS-Balasore)** ଠାରେ ସ୍ୱଳ୍ପ କାଳୀନ ନିଃଶୁଳ୍କ ଦକ୍ଷତା ବିକାଶ ତାଲିମ ଯାହାକି ଇପିକଲ, ଓଡିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ୨୦୨୫ – ୨୬ ଶିକ୍ଷାବର୍ଷ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ତାଲିମ କାର୍ଯ୍ୟକ୍ରମ ସଫଳ ସମାପ୍ତି ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀରେ ସୁନିଶ୍ଚିତ ଚାକିରୀ ପ୍ରଦାନ କରାଯିବ ଯେଉଁଥିରେ ସର୍ବନିମ୍ନ ଦରମା ୧୫୦୦୦ -୧୮୦୦୦ ରହିବ।

SHORT TERM COURSE DETAILS

SI. NO.	NAME OF THE COURSE	QUALIFICATION	DURATION	AGE LIMIT	TOTAL NO. SEAT	CONTACT NUMBER
1.	Machine Operator & Programmer – CNC Lathe (MOP-CL)	10th 12th, Any graduate, ITI & Diploma.	660hrs	18-28 years	40	R.P.MURMU-7980634143 S.K.NAYAK-9692831473
2.	Machine Operator - Injection Moulding (MO-IM)	10th 12th, Any graduate, ITI & Diploma.	600hrs	18-28 years	80	S. NAYAK-7735802908 S. MISHRA-9040425325

IPICOL ODISHA NEW OPPORTUNITIES ସୁବିଧା · ମାଗଣା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ · ପ୍ରଯୋଜକ

1. ନିଃଶୁଳ୍କ ତାଲିମ
2. ନିଃଶୁଳ୍କ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ସ୍ନାକ୍ସ, ରାତ୍ରି ଭୋଜନ
3. ନିଃଶୁଳ୍କ ରହିବା
4. ନିଃଶୁଳ୍କ ୟୁନିଫର୍ମ
5. ନିଃଶୁଳ୍କ ବହି, ତାଲିମ କୀଟ
6. ତାଲିମ ପରେ ନିଶ୍ଚିତ ଚାକିରି

Odisha Skill Development Authority · IPICOL · ODISHA NEW OPPORTUNITIES

100% Placement in Plastics & its Allied Industries



ଆବେଦନର ଶେଷ ତାରିଖ: ୨୨.୧୦.୨୦୨୫

ଆଗ୍ରହୀ ପ୍ରାର୍ଥୀମାନେ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟର ସ୍ୱୟଂ ପ୍ରମାଣିତ କପି ସହିତ ବାୟୋଡାଟା ଫର୍ମରେ ଆବେଦନ କରନ୍ତୁ। ଯଥା ଯୋଗ୍ୟତା ପ୍ରମାଣପତ୍ର, ଆଧାର କାର୍ଡ (ମୋବାଇଲ୍ ନମ୍ବର ସହିତ ଲିଙ୍କ୍ ହୋଇଥିବା), କାଷ୍ଟ ସାର୍ଟିଫିକେଟ୍, ଆୟ ପ୍ରମାଣପତ୍ର, ଆବାସ ପ୍ରମାଣପତ୍ର, ୫ଟି ରଙ୍ଗୀନ ପାସପୋର୍ଟ ଆକାରର ଫଟୋଗ୍ରାଫ୍ କୁ ଲଫାଫା ଉପରେ ଉପରୋକ୍ତ ପାଠ୍ୟକ୍ରମ ମଧ୍ୟରୁ ଉପଯୁକ୍ତ **SI.no** କୁ କ୍ୟାପିଟାଲ ଲେଟର ରେ ଲେଖି ଉପରୋକ୍ତ ସିପେଟ: ସି.ଏସ.ଟି.ଏସ, ବାଲେଶ୍ୱର ଠିକଣାରେ ୨୨.୧୦.୨୦୨୫ ମଧ୍ୟରେ ପଠାନ୍ତୁ।

ଅଧିକ ସୂଚନା ପାଇଁ ପରିଦର୍ଶନ କରନ୍ତୁ:- **www.cipet.gov.in,**
email-ID. apptc.balasore@cipet.gov.in / vtc-balasore@cipet.gov.in

Our Elite Recruiters: HITACHI Inspire the Next · TATA · Supreme · LUMAX · IAC International Automotive Components · YAZAKI · POLYBOND · TAKAHATA · motherson · Dixon The brand behind brands